# Observation of World Aids Day at Govt. College, Sundargarh on 01.12.2022

The World AIDS Day is observed every year on 1st December to highlight the issue of HIV/AIDS and to commemorate those who have lost their lives to this dreaded disease and show support for people living with HIV.

On 1st December, 2022, Govt. College, Sundargarh observed the World AIDS Day. The event was chaired by the Principal, Dr. L.R. Sahu who played a pivotal role in leading the observance. The CDMO of DHH, Sundargarh Dr. Saroj Kumar Mishra graced the occasion as chief guest and acted as the keynote speaker during the event. The co-ordinator of YRC Sri Pitambar Behera co-ordinated the event.

The observance of World AIDS Day served as a platform for raising awareness about HIV/AIDS, its prevention, and the support needed for individuals affected by the disease. The event included informative sessions, discussions, and activities to convey the significance of this global health issue.

Twenty three Winners of essay, debate and painting competitions were felicitated on this occasion. Besides, 68 blood donors of the blood donation camp held on 26th Nov were also felicitated in recognition of their noble contribution to the society. An awareness rally was organized by the YRC unit of the college on this important occasion.




02/07/24

Principal
Government College
Sundargarh










02/07/24

Principal
Government College
Sundargarh

**ବିଶ୍ୱ ଏଡ୍‌ସ ଦିବସ**

# କେଉଁଠି ସଚେତନତା ସଭା ତ କେଉଁଠି ଶୋଭାଯାତ୍ରା

ସୁନ୍ଦରଗଡ଼,୧।୧୨(ସମିସ)

ବିଶ୍ୱ ଏଡସ୍ ଦିବସ ଅବସରରେ ସୁନ୍ଦରଗଡ଼ ଜିଲ୍ଲାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସରକାରୀ ମହାବିଦ୍ୟାଳୟରେ ଆୟୋଜିତ ବିଶ୍ୱ ଏଡସ୍ ଦିବସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏଡସ୍ ବିଷୟରେ ସଚେତନ କରାଇଥିଲେ। କଲେଜ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ଏଥିରେ ସଭାପତିତ୍ୱ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଏଚ୍‌ଡିଏଫସି ବ୍ୟାଙ୍କ ଅଧିକାରୀ ଜୟନ୍ତ ମଲ୍ଲିକ ଯୋଗ ଦେଇଥିଲେ। ଜିଲ୍ଲା ଯୁବ ରେଡକ୍ରସର କାର୍ଯ୍ୟକାରୀ ସମ୍ପାଦକ ପିତାମ୍ବର ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ମହାବିଦ୍ୟାଳୟର କାଉନ୍‌ସିଲର ସରୋଜ ପୂଜାରୀ ଏବଂ ପ୍ରଭାକର ସେଠୀ ସହଯୋଗ କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାର ୨୩ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଗତ ୨୬ ତାରିଖରେ ୱାଇଆରସି, ଏନଏସଏସ, ଏନସିସି ଆନୁକୂଲ୍ୟରେ ତଥା ଏଚ୍‌ଡିଏଫସି ବ୍ୟାଙ୍କ ପ୍ରାୟୋଜିତ ରକ୍ତଦାନ ଶିବିରରେ ରକ୍ତଦାନ କରିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ ହୋଇଥିଲେ। ଯୁବ ରେଡକ୍ରସର ସ୍ୱେଚ୍ଛାସେବୀମାନେ ସଚେତନତା ମୂଳକ ପଦଯାତ୍ରା କରିଥିଲେ। ବରିଷ୍ଠ ଅଧ୍ୟାପକ ବୀରେନ୍ଦ୍ର କୁମାର ପଟେଲ, ଡ. କୁଳମଣି ବେହେରା, ନିକୁଞ୍ଜ କିଶୋର ସେଠୀ, ନୂତନ ଖମାରୀ, ଆର୍ଯ୍ୟ ବିଭାସ କୁମାର, ଏଞ୍ଜେଲିନ କିଣ୍ଡୋ, ପ୍ରଦୀପ କୁମାର ବହିଦାର ପ୍ରମୁଖ ଉପସ୍ଥିତ ଥିଲେ।






## ସର୍ଗିପାଲି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡସ୍ ଦିବସ

ସର୍ଗିପାଲି ଏସ୍‌ଆରଡିଏମ୍‌ଏନ୍ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏ ସମ୍ପର୍କିତ ଆଲୋଚନା ଚକ୍ରରେ ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ସୁଭଦ୍ରା ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଦୀପକ କୁମାର ଶର୍ମା, କୃପାସିନ୍ଧୁ ବାରିକ, ଅଧ୍ୟାପକ ଡ. ଭଗବାନ ପଟେଲ, ଅଧ୍ୟାପିକା ଶକୁନ୍ତଳା ମିଶ୍ର ଯୋଗ ଦେଇ ଏଡସ୍ ରୋଗ ଉପରେ ସଚେତନ କରିଥିଲେ। ଯୁବ ରେଡକ୍ରସ୍ କାଉନସିଲର କିଶୋର ଚନ୍ଦ୍ର ନାଏକ, ଅଧ୍ୟାପକ ସୂର୍ଯ୍ୟକାନ୍ତ ବେହେରା ଏବଂ ରଞ୍ଜନ କୁମାର ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉତ୍କଳପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟ

ଉତ୍କଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ମନୋରଞ୍ଜନ ମିଶ୍ର ଯୋଗ ଦେଇ ଏଡ୍‌ସ୍ ରୋଗର କାରଣ, ନିରାକରଣ ତଥା ଭୟାବହତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଅନ୍ୟ ଅଧ୍ୟାପକ, ଅଧ୍ୟାପିକା ମାନେ ଉପସ୍ଥିତ ଥିଲେ।

## ରୋଟାରୀ କ୍ଲବ୍ ସୁନ୍ଦରଗଡ଼ ଟାଉନ୍ ଦ୍ୱାରା ଏଡସ୍ ସଚେତନତା ରାଲି

ରୋଟାରୀ କ୍ଲବ ସୁନ୍ଦରଗଡ଼ ଟାଉନ୍ ଓ ସୁନ୍ଦରଗଡ଼ସ୍ଥିତ ରାଉରକେଲା ସିନିୟର୍ ନର୍ସିଂ ମହାବିଦ୍ୟାଳୟର ମିଳିତ ସହଯୋଗରେ ବିଶ୍ୱ ଏଡସ୍ ଦିବସ ଉପଲକ୍ଷେ ସୁନ୍ଦରଗଡ଼ ସହରରେ ଏକ ବିଶାଳରାଲି ଆୟୋଜିତ ହୋଇଯାଇଛି। ଏଥିରେ ନର୍ସିଂ ମହାବିଦ୍ୟାଳୟର ୩୦୦ ଛାତ୍ରଛାତ୍ରୀ ତଥା ଅଧ୍ୟାପକ ଅଧ୍ୟାପିକା ଏବଂ ରୋଟାରୀ କ୍ଲବର ସମସ୍ତ ସଦସ୍ୟ ପରିବାର ସହିତ ଅଂଶ ଗ୍ରହଣ କରିଥିଲେ। ଷ୍ଟେଟବ୍ୟାଙ୍କ୍ ଛକଠାରେ ଏକ ପଥପ୍ରାନ୍ତ ନାଟକ ଏବଂ ଗୀତି ନାଟ୍ୟ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଜନସଚେତନତା ସୃଷ୍ଟି କରାଯାଇଥିଲା। କ୍ଲବ ସଭାପତି ଡା. ଦିଲ୍ଲୀପ କୁମାର ଷଡ଼ଙ୍ଗୀ ଓ ସମ୍ପାଦକ ବାଳ ଗୋପାଳ ମିଶ୍ରଙ୍କ ସମେତ ଅମରଜିତ୍ ସିଂ, ଦୀନବନ୍ଧୁ ଭିତ୍ରିଆ, ଡ. ସୋମ ଶୁଭଙ୍କର ଗଣେଶ ରୋହିଲା, ସ୍ୱରାଜ ପଟେଲ୍, ବିଶ୍ୱରଞ୍ଜନ ପୁରୋହିତ, ପ୍ରିୟରଞ୍ଜନ ଯୋଶୀ, ଶୁଭେନ୍ଦୁ ମହାପାତ୍ର, ଯଶବିନ୍ଦର ଗୁଲାଟୀ, ମୋନାଲିସା ବେହେରା, ଗୀତାଞ୍ଜଳି ଭିତ୍ରିଆ ଏବଂ ରାଉରକେଲା ରୋୟାଲ୍ କ୍ଲବ୍‌ର ଅଲମ୍ ସିଂ ଛୁପ୍ରା ଓ କୁଇନସ କ୍ଲବ୍‌ର ହରପଲ୍ ଛୁପ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଚିରବ୍ରତ ଦତ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ସୁନିମା ପଟେଲ, ତାଙ୍କ ସହଯୋଗୀ ଏବଂ ଛାତ୍ର ଛାତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

## ରକ୍ତଦାନ ଶିବିର, ୭୦ ୟୁନିଟ୍ ସଂଗ୍ରହ

**ହେମଗିର:** ହେମଗିର ବ୍ଲକ ଛତାବର୍ ଗାଁରେ ଗୁରୁବାର ବିଶ୍ୱ ଏଡସ୍ ଦିବସ ଉପଲକ୍ଷେ ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ଓ ଏଚଡିଏଫସି ବ୍ୟାଙ୍କ ଉଦ୍ୟମରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ଶିବିରକୁ ପୂର୍ବତନ ସମିତି ସଭ୍ୟା ଗୀତା ଖମାରୀ ଉଦ୍‌ଘାଟନ କରିଥିଲେ। ଛତାବର ଗ୍ରାମର ନିରାକାର ପଧାନ, ସାହେବ ଖମାରୀ, ସନତ ପଧାନ, ସନ୍ତୋଷ ପଧାନଙ୍କ ସମେତ ବଜରଙ୍ଗ ଦଳ ସଭାପତି ଅଶୋକ ବାରିକ ଉପସ୍ଥିତଥିଲେ। ଶିବିରରେ ମୋଟ୍ ୭୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବଲବସପୁର ଆଜାଦ ହିନ୍ଦ କ୍ଲବର ୧୦ ଜଣ କର୍ମକର୍ତ୍ତା ରକ୍ତଦାନ କରି ଥିଲେ।

02/07/24

Principal
Government College
Sundargarh